କାଲିବେନ୍ ରବାରୀ

ବନାମ

ଗୁଜରାଟ ରାଜ୍ୟ ଏବଂ ଅନ୍ୟମାନେ

(2009 ର ଫୌଜଦାରୀ ଆବେଦନ ସଂଖ୍ୟା 571)

ମାର୍ଚ୍ଚ 27,2009

**[ଡ. ଅରିଜିତ ପଶାୟତ ଏବଂ ଅଶୋକ କୁମାର ଗାଙ୍ଗୁଲି, ନ୍ୟାୟମୂର୍ତ୍ତିଦ୍ୱୟ ]**

*ଦଣ୍ଡ ସଂହିତା, 1860- ଧାରା 304 (ଭାଗ 1) ଏବଂ (ଭାଗ 2) - ଧାରା 304 (ଭାଗ 1) ରୁ ଧାରା 304(ଭାଗ 2) ରେ ଦୋଷୀ ସାବ୍ୟସ୍ତ ଏବଂ ଦଶ ବର୍ଷରୁ ଅଢ଼େଇ ବର୍ଷ ଦଣ୍ଡାଦେଶକୁ ପରିବର୍ତ୍ତନ କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ - କ୍ଷତିପୂରଣ 5 ଲକ୍ଷ ଟଙ୍କାରୁ 3 ଲକ୍ଷ ଟଙ୍କାକୁ ହ୍ରାସ କରିବା - ଆପତ୍ତି - ନିର୍ଣ୍ଣିତ : ଯେତେବେଳେ ହାଜତ ଦଣ୍ଡକୁ ଯଥେଷ୍ଟ ହ୍ରାସ କରାଯାଇଥିଲା, ସେତେବେଳେ କ୍ଷତିପୂରଣ ରାଶିକୁ 5 ଲକ୍ଷ ଟଙ୍କାରୁ 3 ଲକ୍ଷ ଟଙ୍କାକୁ ହ୍ରାସ କରିବାର କୌଣସି ଆଧାର ନଥିଲା - ହ୍ରାସକୁ ଯଥାର୍ଥ କରିବା ପାଇଁ କାରଣ ମଧ୍ୟ ଦର୍ଶାଯାଇ ନଥିଲା - ତେଣୁ, କ୍ଷତିପୂରଣ ପରିମାଣ 5 ଲକ୍ଷ ଟଙ୍କାକୁ ବୃଦ୍ଧି କରାଗଲା - ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 - ଧାରା 357 ।*

ଫୌଜଦାରୀ ଆବେଦନ ଅଧିକାରିତା :2009ର ଫୌଜଦାରୀ ଆବେଦନ ସଂଖ୍ୟା 571।

ଫୌଜଦାରୀ ଆବେଦନ ସଂଖ୍ୟା 1290/2005 ରେ ଅହମ୍ମଦାବାଦରେ ଗୁଜରାଟ ଉଚ୍ଚ ନ୍ୟାୟାଳୟର 13.03.2007 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଶଙ୍କର ଡିବେଡ୍ ।

ଉତ୍ତରଦାତାମାନଙ୍କ ପାଇଁ ହେମନ୍ତିକା ୱାହି, କେ. ଏନାଟୋଲି ସେମା, ମୀନାକ୍ଷୀ ଆରୋରା, ଏସ୍. ଗୁପ୍ତା, ମୋହିତ ଡି. ରାମ ଏବଂ ପି. କାଟାକି ।

ନ୍ୟାୟାଳୟର ଏହି ରାୟ **ନ୍ୟାୟମୂର୍ତ୍ତି ଡ. ଅରିଜିତ ପଶାୟତଙ୍କ** ଦ୍ୱାରା ପ୍ରଦାନ କରାଗଲା ।

1.ଅନୁମତି ମଞ୍ଜୁର ହେଲା ।

2.ଆବେଦନକାରୀଙ୍କ ବିଦ୍ୱାନ ଓକିଲଙ୍କ ଦ୍ୱାରା ଉଠାଯାଇଥିବା ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ଯେ ଉଚ୍ଚ ନ୍ୟାୟାଳୟ ଭାରତୀୟ ଦଣ୍ଡ ସଂହିତା, 1860 ର ଧାରା 304 Part I ରୁ 304 Part II (ସଂକ୍ଷେପରେ ଆଇ. ପି. ସି.) ଅନୁଯାୟୀ ଦଣ୍ଡନୀୟ ଅପରାଧ ସମ୍ପର୍କରେ 10 ବର୍ଷରୁ ଅଢ଼େଇ ବର୍ଷ ଦଣ୍ଡକୁ ହ୍ରାସ କରିବା ସମୟରେ କ୍ଷତିପୂରଣ ମଧ୍ୟ 5 ଲକ୍ଷ ଟଙ୍କାରୁ 3 ଲକ୍ଷ ଟଙ୍କାକୁ ହ୍ରାସ କରିଛନ୍ତି ।ଆବେଦନକାରୀ ପାଇଁ ବିଦ୍ୱାନ ଓକିଲ ନିବେଦନ କରିଥିଲେ ଯେ, ହାଜତ ଅବଧିକୁ ଯଥେଷ୍ଟ ହ୍ରାସ କରାଯିବା ପରେ ଏଭଳି ହ୍ରାସ ପାଇଁ କୌଣସି ଆଧାର ନାହିଁ । ବାସ୍ତବରେ ଉଚ୍ଚ ନ୍ୟାୟାଳୟ ଅଭିଯୁକ୍ତମାନଙ୍କୁ "ଅପରାଧୀ ପରିବୀକ୍ଷା ଅଧିନିୟମ 1958 (ସଂକ୍ଷେପରେ ପରିବୀକ୍ଷା ଅଧିନିୟମ)ର ଲାଭ ପ୍ରଦାନ କରିବାକୁ ମନା କରିଦେଇଥିଲେ । ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973ର ଧାରା 357 (ସଂକ୍ଷେପରେ 'ସଂହିତା') ର ମାନଦଣ୍ଡକୁ ଲାଗୁ କରି ବିଚାର କରୁଥିବା ଅଦାଲତ କ୍ଷତିପୂରଣ ପରିମାଣ 5 ଲକ୍ଷ ଟଙ୍କା ସ୍ଥିର କରିଥିଲେ । ଅଭିଯୁକ୍ତ ଉତ୍ତରଦାତା ଙ୍କ ବିଦ୍ୱାନ ଓକିଲ ଉଚ୍ଚ ନ୍ୟାୟାଳୟର ରାୟକୁ ସମର୍ଥନ କରିଥିଲେ।

3.ଆମେ ଦେଖିପାରୁଛୁ ଯେ ଏହି ପ୍ରକାରର ଏକ ମାମଲାରେ ଯେଉଁଠାରେ ଉଚ୍ଚ ନ୍ୟାୟାଳୟ ଧାରା 304 ଭାଗ I ରୁ 304 ଭାଗ II IPC କୁ ଦଣ୍ଡବିଧାନକୁ ପରିବର୍ତ୍ତନ କରିଛନ୍ତି ଏବଂ ହାଜତ ଦଣ୍ଡର ଅବଧିକୁ ଯଥେଷ୍ଟ ହ୍ରାସ କରିଛନ୍ତି, ସେଠାରେ ପ୍ରଦାନ କରାଯାଇଥିବା କ୍ଷତିପୂରଣ, ଅର୍ଥାତ୍ 5 ଲକ୍ଷ ଟଙ୍କାକୁ 3 ଲକ୍ଷ ଟଙ୍କାକୁ ହ୍ରାସ କରିବାର

କୌଣସି ଆଧାର ନଥିଲା । ହ୍ରାସର ଯଥାର୍ଥତା ଦର୍ଶାଇବା ପାଇଁ କୌଣସି କାରଣ ଦର୍ଶାଯାଇନାହିଁ । ତଦନୁସାରେ, ଆମେ କ୍ଷତିପୂରଣର ପରିମାଣକୁ 5 ଲକ୍ଷ ଟଙ୍କାକୁ ବୃଦ୍ଧି କରିଛୁ । ଜମା କରିବାକୁ ଆବଶ୍ୟକ ପରିମାଣର ବଳକା, ଯଦି କିଛି ଥାଏ, ଆଜିଠାରୁ ଚାରି ସପ୍ତାହ ମଧ୍ୟରେ ଏହିପରି କରାଯିବ ।

4. ଆବେଦନଟିର ସମାଧାନ କରାଯାଇଛି ।

ଏନ୍. ଜେ. ଆବେଦନ ନିଷ୍ପାଦିତ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**
ସ୍ୱିଡିଲ୍ ନାୟକ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।